## ସଂକ୍ଷେପରେ

### ଗଞ୍ଜାମ ଜିଲ୍ଲା ୪୦ଘରୋଇହସ୍ପିଟାଲରେ ବିଏସ୍‌କେୱାଇ ସୁବିଧା

ଛତ୍ରପୁର,୨୦ା୧୧(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାର ୪୦ଟି ଘରୋଇ ଡାକ୍ତରଖାନାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସୁବିଧା ମିଳିବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ଏହାଦ୍ୱାରା ଜିଲାର ଲୋକେ ଉପକୃତ ହୋଇପାରିବେ । ଏହି ଯୋଜନା ଅଧିନରେ ପ୍ରତ୍ୟେକ ହିତାଧିକାରୀଙ୍କ ପରିବାରଙ୍କୁ ବର୍ଷକୁ ୫ ଲକ୍ଷ ଏବଂ ପରିବାରର ମହିଳାଙ୍କୁ ଆଉ ୫ ଲକ୍ଷ ଟଙ୍କା ଯାଏଁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଥିବା ସୂଚନା ଦିଆଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ହିତାଧିକାରୀଙ୍କ ଜୀବନକୁ ସୁଦୃଢ କରିପାରୁଛି ।

### ଗୋବରାରେ ଗୋଷ୍ଠାଷ୍ଟମୀ ଉତ୍ସବ

ବେଲଗୁଣ୍ଠା,୨୦ା୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗୋବରା ବୈକୁଣ୍ଠନାଥ ମନ୍ଦିର ପରିସରରେ କଳକୀରାମ କ୍ଷେତ ଯନ୍ତ୍ରୀକରଣ ସମବାୟ ସମିତି ଓ ପଞ୍ଚଜନ୍ୟ ପାଣ୍ଠି ଆନୁକୂଲ୍ୟରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଉତ୍ସବକୁ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡା. ସିଦ୍ଧାର୍ଥ ରଣିଙ୍ଗୁଳି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୋବରା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ସଭାପତି ଗୋପାଳ ଚନ୍ଦ୍ର ଲେଙ୍କା ଅଧକ୍ଷତା କରିଥିଲେ। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ଅନୀତା ପାତ୍ର ମୁଖ୍ୟବକ୍ତା, ଗାଙ୍ଗପୁର ପ୍ରାଣୀ ଚିକିତ୍ସକ ଡକ୍ଟର ଅବିନାଶ ସାହୁ, ବିଶ୍ୱହିନ୍ଦୁ ପରିଷଦର ଗୋ ସୁରକ୍ଷା ସଭାପତି ଡକ୍ଟର ସୂର୍ଯ୍ୟ ରାଉତ, ସାମାଜିକ କର୍ମୀ ବିଜୟ କୁମାର ବେହେରା ସମ୍ମାନୀୟ ଅତିଥି ରହି ଗୋଷ୍ଠାଷ୍ଟମୀର ମହତ୍ତ୍ୱ ବୁଝାଇଥିଲ। ଗୋବରା ଅଞ୍ଚଳର ଗୋପାଳକ ରମେଶ ଗୌଡ଼, ଧୋବା ଗୌଡ଼ ଏବଂ ବିକ୍ରମ ଗୌଡ଼ଙ୍କୁ ମୁଖ୍ୟଅତିଥି ସମ୍ମାନୀତ କରିଥିଲେ।

### ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି,୨୦ା୧୧(ଗିରିଧାରୀ ପରିଚ୍ଛା)

ଭକ୍ତି ସଙ୍ଗୀତ ସଂସଦ ପରିଚାଳିତ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଥଙ୍କ ଅଧକ୍ଷତାରେ ସ୍ଥାନୀୟ ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଦେବୀ ମଠର ମହନ୍ତ ସନ୍ଥ ରାମାନନ୍ଦ ଦାସଜୀ ଯୋଗ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପରିଚାଳନା ସମ୍ପାଦିକା ସ୍ନିଗ୍ଧା ମିଶ୍ର ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୌର ଅଧକ୍ଷା ନିର୍ମଳା ସେଠୀ, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଅନୁଷ୍ଠାନର ସଭାପତି ବସନ୍ତ ଦାଶ, କାର୍ଯ୍ୟକାରୀ ସଭାପତି ତୀର୍ଥବାସୀ ପଣ୍ଡା, ଉପ ସଭାପତି ପ୍ରଦୀପ ନାୟକ, ସଙ୍ଗୀତ ବିଦ୍ୟାଳୟର ଅଧକ୍ଷ ପଣ୍ଡିତ ରଘୁନାଥ ପାତ୍ର, ଅଧାପକ ମାଧବ ପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଯୁବ ନାଟ୍ୟକାର ଆଦର୍ଶ ଦାସ ଓ ପ୍ରଖ୍ୟାତ ମର୍ଦଳ ବାଦକ ଭାବେ ସୀତାକାନ୍ତ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଗୁରୁ ରଘୁନାଥ ପାତ୍ର, ଏମ୍ ମାଧବ ପାତ୍ର, ଆକାଂକ୍ଷା ପାଢୋଜୋଷୀ, ସ୍ୱନ୍ଦନା ପଣ୍ଡା, ଅମୃତା ପୁରୋହିତ ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନେ ଓଡ଼ିଶୀ, ଛାନ୍ଦ, ଚମ୍ପୂ ଓ ଭଜନ ପରିବେଷଣ କରିଥିଲେ।

# ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ

ପାରଳାଖେମୁଣ୍ଡି,୨୦ା୧୧(ଗିରିଧାରୀ ପରିଚ୍ଛା)


ରାସ୍ତାରୋକୋରେ ସାମିଲ ହୋଇଥିବା ଲୋକେ।

ଗଜପତି ଜିଲା କାଶୀନଗର ବ୍ଲକ କେ ସିତାପୁର ପଞ୍ଚାୟତ ମିନି ଗାଁଠାରୁ ମିନି ଗାଁଗୁଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଦାବିରେ ସୋମବାର ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି। ଏହି ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ଗତ ଜୁନ ୨୬ ତାରିଖରେ ପାରଳାଖେମୁଣ୍ଡି-କାଶୀନଗର ମୁଖ୍ୟରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ସେହି ରାସ୍ତା ଦେଇ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଭିଯୋଗ ଶୁଣାଣି କରିବାକୁ କାଶୀନଗର ଯାଉଥିବା ବେଳେ ଆନ୍ଦୋଳନକାରୀମାନେ ଜିଲାପାଳଙ୍କ ବାଟ ଓଗାଳି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। କିନ୍ତୁ ୫ ମାସ ବିତିଗଲା ଆଜି ପର୍ଯ୍ୟନ୍ତ ରାସ୍ତା ହୋଇପାରିନାହିଁ ଯାହାକୁ ବିରୋଧ କରି ସୋମବାର ପୁଣି ମିନିଙ୍ଗା ଗ୍ରାମର ଶହ ଶହ ଗ୍ରାମବାସୀ ରାସ୍ତା ଅବରୋଧ କରିବା ସହ ଧାରଣାରେ ବସିଥିଲେ। କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ, କାଶୀନଗର ତହସିଲଦାର ଅଶୋକ କୁମାର ପ୍ରଧାନ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା। କିନ୍ତୁ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଜିଲାପାଳ ଦେଇଥିବା ପ୍ରତିଶ୍ରୁତି ନ ରଖିବା ଯୋଗୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଧାରଣା ଯୋଗୁ କାଶୀନଗରଠାରୁ ପାରଳାଖେମୁଣ୍ଡି ରାସ୍ତାରେ ଶହଶହ ଗାଡି ଅଟକି ରହିଥିଲା। ପ୍ରଶାସନ ଆଗରୁ ମିଛ ପ୍ରତିଶ୍ରୁତି ଦେଇ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିନାହିଁ ଏବଂ ଯଦି ଆଗକୁ ରାସ୍ତା ନିର୍ମାଣ ନ ହୁଏ ତେବେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ତେଜେଶ୍ୱର ରାଓ କହିଛନ୍ତି। ଏ ନେଇ କାଶୀନଗର ତହସିଲଦାର କହିଛନ୍ତି ରାସ୍ତା ପାଇଁ ଯେଉଁ ଜାଗା ଦରକାର ତାହା ବେସରକାରୀ ମାଲିକାନା ଜମି । ପରେ ଜିଲାପାଳ କାଶୀନଗରଠାରେ ଜନ ଅଭିଯୋଗ ଶୁଣାଣିରୁ ଫେରିବା ସମୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରଛି। ରାସ୍ତା ନିର୍ମାଣ ପାଇଁ କିଛି ଘରୋଇ ଜମିର ଆବଶ୍ୟକତା ରହିଛି। ସେହି ଜମି ଅଧିଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯିବା ପରେ ରାସ୍ତା ନିର୍ମାଣ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଠାବ, ହତ୍ୟା ମାମଲା ରୁଜୁ

ଗୋପାଳପୁର,୨୦ା୧୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ନିଖୋଜ ଥିବା ଯୁବକଙ୍କ ମୃତଦେହ ପୋଲିସ ସୋମବାର ଏକ କୂଅରୁ ଠାବ କରିଛି। ସେ ହେଲେ ଗୋବିନ୍ଦପୁର ଗ୍ରାମର ଟୁଟୁ ନାଇକ (୩୭)। ମୃତକଙ୍କ ଶରୀରରେ କ୍ଷତ ଚିହ୍ନ ଥିବାରୁ ପରିବାର ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

ଏହି ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ଟୁଟୁ ନାଇକଙ୍କ ସାହି ନିକଟତର ଚାନ୍ଦପୁର ଗ୍ରାମର ଜଣେ ମହିଳାଙ୍କ ସହିତ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଏନେଇ ମହିଳା ଭାଇ ଓ ବାପା ଟୁଟୁଙ୍କୁ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଶନିବାର ସନ୍ଧ୍ୟାରେ ମହିଳାଜଣକ ଫୋନ କରି ଘରକୁ ଡାକିବାରୁ ଟୁଟୁ ଆସିଥିଲେ। ରାତିରେ ଆଉ ଟୁଟୁ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜା ଖୋଜି କରି ଟୁଟୁଙ୍କ ଟେର୍ ନ ମିଳିବାରୁ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ଚାନ୍ଦାପୁର ଗ୍ରାମ ରେଳଧାରଣା ନିକଟତ ପରିତ୍ୟକ୍ତ କୂଅରୁ ଟୁଟୁଙ୍କ ମୃତଦେହକୁ ପୋଲିସ ଠାବ କରିଥିଲା। ବ୍ରହ୍ମପୁର ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର ଓ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟୁଟୁଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ହତ୍ୟା କରାଯାଇଥିବା ନେଇ ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପୋଲିସ ପଠେଇଛି। ମୃତ ଟୁଟୁଙ୍କ ସ୍ତ୍ରୀଙ୍କ ଏତଲା କ୍ରମେ ପୋଲିସ ନଂ. ୫୯୫/୨୩ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳେଇଛି।

# ଦେଢ଼ବର୍ଷ ପରେ ଅପମୃତ୍ୟୁ ମାମଲା ହତ୍ୟାରେ ପରିଣତ



ପରିବାର ଲୋକେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ଭଞ୍ଜନଗର,୨୦ା୧୧(ବାବୁଲା ପ୍ରଧାନ)

ବେଲଗୁଣ୍ଠା ଥାନା ଗିରିସୋଲା ଗ୍ରାମର ଖବରଦାତା ମଦନମୋହନ ପାଢୀଙ୍କ ଗତବର୍ଷ ଏପ୍ରିଲ ୨୩ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ମଦନଙ୍କ ମାମୁ ପ୍ରଦୀପ ଚୌଧୁରୀ ଭଣଜାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେ ସମୟରେ ତାଙ୍କ ଏତଲାକୁ ଚିରି ଦେଇ ଆଉ ଏକ ଏତଲା ନିଜଆଡୁ ଲେଖିଥିଲା, ଯେଉଁଥିରେ ସେ ବାଧହୋଇ ହୋଇ ଦସ୍ତଖତ କରିଥିଲେ। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଇତିମଧ୍ୟରେ ଭିସେରା ରିପୋର୍ଟ ଆସିବା ପରେ ତାହା ହତ୍ୟା ବୋଲି ଜଣାପଡ଼ିଥିଲା ବୋଲି ପ୍ରଦୀପ ସୋମବାର ଭଞ୍ଜନଗର ଗସ୍ତରେ ଆସିଥିବା ଗଞ୍ଜାମ ଏସ୍‌ପି ଜଗମୋହନ ମୀନାଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବେଲଗୁଣ୍ଠା ପୋଲିସ ବର୍ତ୍ତମାନ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥବଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ମଦନଙ୍କ ମା' ପ୍ରେମଲତା ସୋମବାର ଏସପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପରେ ଏସପି ମଦନଙ୍କ ମା, ଭାଇ ଏବଂ ମାମୁଙ୍କୁ ଭଞ୍ଜନଗର ଥାନାକୁ ଡାକି ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝିଥିଲେ। ତୁରନ୍ତ ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଡିପି ଓ ବିଶ୍ୱାମିତ୍ର ହରପାଲଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ମଦନ ଘଟଣାଦିନ ରାତିରେ ଘର ଠାରୁ କିଛି ଦୂରରେ ଥିବା ଫାର୍ମ ହାଉସରେ ଥିଲେ। ସକାଳେ ସେଠାରୁ ତାଙ୍କ ମୃତଦେହ ମିଳିଥିଲା। ପାଖରେ ମୋବାଇଲ ଫୋନ ନ ଥିଲା। ବିଭିନ୍ନ କାରଣରୁ ପରିବାର ଲୋକେ ମଦନଙ୍କ ମୃତ୍ୟୁକୁ ନେଇ ସନ୍ଦେହ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। କିଛିଦିନ ପୂର୍ବେ ଭିସେରା ରିପୋର୍ଟ ଆସିବା ପରେ ତାହା ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ

ଧରାକୋଟ,୨୦ା୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଅଧକ୍ଷ ଅକ୍ଷୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସୁପରିଚାଳନା ଓ ସଫଳତା ପାଇଁ ନୋଡାଲ ଅଫିସର ଭାବରେ ଅଧ୍ୟାପକ ବଳରାମ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏଥିପାଇଁ ତିନୋଟି କମିଟି ଗଠନ କରାଯାଇଛି। ଏହାର ମୁଖ୍ୟ ଭାବରେ ଅଧାପିକା କ୍ଷୀରାବ୍ଧି ସାହୁ, ଅଧାପିକା ରାଜଶ୍ରୀ ବେହେରା ଓ କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ଅଧାପିକା ପ୍ରୀତିମୟୀ କର, ଗୋପାଳ କୃଷ୍ଣ ପଣ୍ଡା, ଦିଲୀପ ମହାନ୍ତି, ସନ୍ଦୀପ ପଟ୍ଟନାୟକ, ପ୍ରଦୀପ ନାୟକ, ଅଶୋକ ଦାସ ଓ କୁସ ନାୟକଙ୍କ ସମେତ ପ୍ରାୟ ୪୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## କାର୍ତ୍ତିକ ସୋମବାରରେ ଭକ୍ତଙ୍କ ସମାଗମ

### ଜେଆରସି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ


ମନ୍ଦିର ପରିସର ସଫେଇ ଚାଲିଛି।

କୋଦଳା,୨୦ା୧୧(ଅମିତ କୁମାର ପଟ୍ଟନାୟକ)

ପବିତ୍ର କାର୍ତ୍ତିକ ମାସର ଚତୁର୍ଥ ସୋମବାରରେ କୋଦଳା ଏବଂ ବେଗୁନିଆପଡା ଅଞ୍ଚଳରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। କୋଦଳା ସ୍ଥିତ ଦଣ୍ଡିଶ୍ୱର ପୀଠରେ ସୋମବାର ସକାଳୁ ଭକ୍ତ ଭିଡ଼ ଲାଗିଥିଲା। ପ୍ରବଳ ଭକ୍ତଙ୍କ ସମାଗମ ଯୋଗୁ କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ସଚେତନତା କରାଯିବା ସହ ମନ୍ଦିର ପରିସରକୁ ସଫେଇ କରିଥିଲେ ଏବଂ ଭକ୍ତଙ୍କୁ ଶାନ୍ତିଶୃଙ୍ଖଳା ସହ ଧାଡି ଲଗାଇ ଯିବା ପାଇଁ ସଚେତନ କରାଇଥିଲେ। ଏଥିରେ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଦେବେନ୍ଦ୍ର କୁମାର ପାଣ୍ଡୀ, ଶିକ୍ଷକ ଶରତ ଚନ୍ଦ୍ର ଜାଲି ସହଯୋଗ କରିଥିଲେ। ସେହିପରି ସାଙ୍କୁଡ଼ା ସ୍ଥିତ ଧବଳେଶ୍ୱର ପୀଠ, ଶାଳବଣ ସ୍ଥିତ ସିଦ୍ଧେଶ୍ୱର ପୀଠରେ ମଧ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା।

# ଶାନ୍ତି ଅନୁଭୂତି କେନ୍ଦ୍ର ପକ୍ଷରୁ ଆଧାତ୍ମିକ ସମାବେଶ

ଛତ୍ରପୁର,୨୦ା୧୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ନେତୃବୃନ୍ଦ।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖା ଶାନ୍ତି ଅନୁଭୂତି କେନ୍ଦ୍ର ଆନୁକୂଲ୍ୟରେ ଏକ ବିଶାଳ ଆଧାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ ଗଞ୍ଜାମ ଗଜପତି ଜିଲାସ୍ତରୀୟ ବ୍ରହ୍ମାକୁମାରୀ ଶାଖାର ମୁଖ୍ୟ ସଞ୍ଚାଳିକା, ସକ୍ରିୟ ସଦସ୍ୟ ମଣ୍ଡଳୀ ବ୍ରହ୍ମାକୁମାରୀ ଭଉଣୀ ଓ ଭାଇ ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁ, ରାଜସ୍ଥାନରୁ ମଧ ବହୁ ବରିଷ୍ଠ ନେତୃବର୍ଗ ଯୋଗଦେଇ ଈଶ୍ୱରୀୟ ସନ୍ଦେଶ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଶାନ୍ତିସଭାବନା ମହୋତ୍ସବରେ ବ୍ରହ୍ମାକୁମାରୀ ରାଜ ଯୋଗୀନି ମାଳା ଦିଦି ଅଧକ୍ଷତା କରିଥିଲେ। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଜାପିତା ଶିବ ବାବାଙ୍କ ପତାକା ଉତ୍ତୋଳନ କରି ସାଧୁ ପ୍ରଣାମ ଜଣାଇଥିଲେ। ପରେ ସେ ନବନିର୍ମିତ ଦିବ୍ୟ ଭବନ କୋଠା ଉଦଘାଟନ କରିଥିଲେ। ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ ଦିଆଯାଉଥିବା ଶିବ ସନ୍ଦେଶ ଜନମାନସକୁ ଅନେକ ଦିଗଦର୍ଶନ ଦେବ ଏବଂ ଜନତାଙ୍କ ହିତ ସାଧନରେ ସହାୟକ ହେବ ବୋଲି ଏସପି ମତବ୍ୟକ୍ତ କରିଥିଲେ। ଆଧାତ୍ମିକ ଶିବ ସନ୍ଦେଶର ବାର୍ତ୍ତା ନେଇ ଏକ ଶାନ୍ତି ସଭାବନା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ବରିଷ୍ଠ ସମାଜିକ କର୍ମୀ ଭାଗିରଥୀ ବେହେରା ଶିବ ପରମାତ୍ମାଙ୍କ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଦଯାପନୀ ସାମାରୋହରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ଏମପି ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶାଖା ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ବିଜୟ ଲକ୍ଷ୍ମୀ ଧନ୍ୟବାଦ ଜଣାଇଥିଲେ ।

## ବ୍ଲକ ସ୍ତରୀୟ ବିଜ୍ଞାନ ମେଳା

ଖଲ୍ଲିକୋଟ,୨୦ା୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହର ସ୍ଥିତ ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟରେ ସୋମବାର ଖଲ୍ଲିକୋଟ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ, ମୁଖ୍ୟବକ୍ତା ଭାବେ ତହସିଲଦାର କୁମାର ରଥ, ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବସ୍ମାନ ପଣ୍ଡା, ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ଦେଇ ସ୍ୱାଗତ କରାଯାଇଥିଲା। ପରେ ବିଡିଓ ଦେବାଶିଷ ସାମଲ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବ୍ଲକର ୪ ଟି ଉଚ୍ଚ ମାଧମିକ ବିଦ୍ୟାଳୟ, ୩୨ ଉଚ୍ଚ ବିଦ୍ୟାଳୟ ଓ ୫୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୬୦ ପ୍ରୋଜେକ୍ଟ ଏହି ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନିତ ହୋଇଥିଲା। ବିଚାରକ ଭାବେ ମାନସ କୁମାର ବେହେରା, ପଦ୍ମଜା ନାୟକ, ମିଲନ କୁମାର ପୁରୋହିତ ଓ ବୈଶାଳୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିକଶିତ ଭାରତ, ସଂକଳ୍ପ ଯାତ୍ରା



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଦାରିଙ୍ଗବାଡି,୨୦ା୧୧(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଏବଂ ସିମନବାଡ଼ିଠାରେ ବିକଶିତ ଭାରତ ଓ ସଂକଳ୍ପ କାର୍ଯ୍ୟକ୍ରମ ବିଡିଓ ଗଦାଧର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଜୀବିକା ମିଶନର ବିପିଏମ୍ ପିଣ୍ଟୁ ନାୟକଙ୍କ ସଭା ପରିଚାଳନାରେ ଦାରିଙ୍ଗବାଡ଼ି ପଥପ୍ରାନ୍ତ ସେବାକେନ୍ଦ୍ର ପରିସରରେ ମୁଖ୍ୟ ଅତିଥି ଭାବେ ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ସିଡିପିଓ ଅଞ୍ଜଳି ମହାପାତ୍ର, ସରପଞ୍ଚ ଚନ୍ଦ୍ରିକା ମଲିକ, ଏବିଇଓ ଉପେନ୍ଦ୍ର ଉତ୍ତରକବାଟ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦାସକାଠିଆ ମାଧମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥି ସହ ଡ୍ରୋନ୍ ମାଧମରେ କୃଷକ କିଭଳି ବିଭିନ୍ନ ରୋଗ ପ୍ରତିରୋଧକ ଓ ଅନ୍ୟାନ୍ୟ ଔଷଧ ସିଞ୍ଚନ କରାଯିବ ତାହା ପ୍ରଦର୍ଶନ କରାଯାଇଥିଲା। ଭାରତବର୍ଷକୁ ଆସନ୍ତା ୨୦୪୭ ମସିହା ମଧରେ ବିକଶିତ ଭାରତ କରିବାକୁ ସମସ୍ତେ ଶପଥ ନେଇଥିଲେ। ସେହିପରି ସିମନବାଡ଼ି ପଞ୍ଚାୟତରେ ବିଡିଓ ପାତ୍ରଙ୍କ ସମେତ ତହସିଲଦାର, ସିଡିପିଓ ଏବଂ ସ୍ଥାନୀୟ ସରପଞ୍ଚ ଅମିତା ପ୍ରଧାନ ଉପସ୍ଥିତ ଥିଲେ। ସୁସ୍ଥ ରହିଥିବା ଶିଶୁଙ୍କୁ ଓ ତାଙ୍କ ମା'ଙ୍କୁ ପୁରସ୍କୃତ କରାଯିବା ସହ ଉଜ୍ଜଳା ଯୋଜନାରେ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଇଥିଲା।

# ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ବିରୋଧ

ଗଞ୍ଜାମ,୨୦ା୧୧(ବିଦ୍ୟାଧର ସାହୁ)


ଏନଏସି ଇଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ୱାର୍ଡବାସୀ ।

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନମ୍ବର ୬ ଓଡ଼ିଆ ଡାମଣା ସାହି ରାମଲିଙ୍ଗେଶ୍ୱର ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ନିର୍ମାଣକୁ ଜୋରଦାର ବିରୋଧ କରିଛନ୍ତି ୱାର୍ଡ ବାସିନ୍ଦା। ସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ନ କରିବା ଲାଗି ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ଓ ଏନ୍‌ଏସି ଇଓ ଅପର୍ଣ୍ଣା ଡାଙ୍ଗୁଆଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି ୱାର୍ଡବାସୀ। ପୂର୍ବରୁ ଏହି ସ୍ଥାନରେ ପରିଷଦ ତରଫରୁ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ମଧ ଜନସାଧାରଣ ନିର୍ମାଣ କାର୍ଯ୍ୟକୁ ପ୍ରତିବାଦ କରିବା ସହ ଉଚ୍ଚନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ। ହାଇକୋର୍ଟଙ୍କ ରହିତାଦେଶ ଡବ୍ଲୁପି(ସି)-୧୮୩୩୦/୨୦୧୯ ତା ୨୭/୦୯/୨୦୧୯ ରିଖ କ୍ରମେ ନିର୍ମାଣ କାର୍ଯ୍ୟ ରାମଲିଙ୍ଗେଶ୍ୱର ମନ୍ଦିର ନିକଟରୁ ପ୍ରତ୍ୟାହୃତ ହୋଇଥିଲା। ହାଇକୋର୍ଟଙ୍କ ଆଦେଶକୁ ଅବମାନନା କରି କିଭଳି ପୁନଃ ସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଯୋଜନା କରାଯାଇଛି ବୋଲି ୱାର୍ଡବାସୀ ପ୍ରଶ୍ନ କରିଛନ୍ତି। ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ବହୁ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେବ। ତେଣୁ ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥ ଓ ସୁରକ୍ଷା ଦୃଷ୍ଟିରୁ ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ ନ କରିବାକୁ ୱାର୍ଡବାସୀ ଦାବି କରିଛନ୍ତି। ଦାବିପତ୍ର ଦେବା ବେଳେ ୱାର୍ଡ ନଂ. ୬ ଓଡ଼ିଆ ଡାମଣା ସାହିର କାଶୀନାଥ ମହାକୁଡ, ନିରଞ୍ଜନ ପରିଡା, ପ୍ରଦୀପ ଦାସ, ଦାଶରଥି ଦୋରା, ପ୍ରଦୀପ ପଲାଇ, ଅଶୋକ ପରିଡା, ପ୍ରସନ ସାହୁ, ଦୀପକ ଦାସଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସାହି ବାସିନ୍ଦା ଉପସ୍ଥିତ ଥିଲେ। ହାଇକୋର୍ଟଙ୍କ ରହିତାଦେଶକୁ ଅବମାନନା କରି ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ସାହି ବାସିନ୍ଦାଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ମିଳିଛି।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର,୨୦ା୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଅଭିଯୋଗ ଶୁଣାଣିରେ ଯୋଗଦେଇ ୧୯୬ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିମଧରେ ବ୍ୟକ୍ତିଗତ ଅଭିଯୋଗ ୧୭୩ଟି ଥିବାବେଳେ ଗ୍ରାମୀଣ ଅଭିଯୋଗ ୨୩ ଥିଲା। ଜିଲାପାଳ ତ୍ୱରିତ ୭ଟି ଅଭିଯୋଗର ଫଇସଲା କରିଥିଲେ। ଅଭିଯୋଗ ସମୟରେ ଜିଲାପାଳ ଦୁଇ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ପାଣ୍ଠିରୁ ଜଣଙ୍କୁ ୨୦ ହଜାର ଟଙ୍କା ଏବଂ ଆଉ ଜଣଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ରେଡକ୍ରସ ପାଣ୍ଠିରୁ ଅନ୍ୟ ଜଣଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅଭିଯୋଗ ଶୁଣାଣିରେ ଗଞ୍ଜାମ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭି. କୀର୍ତ୍ତିଭାସନ, ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଭଞ୍ଜନଗର ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଉତ୍ତର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ କୁମାର ଶତପଥୀ, ଭଂଜନଗର ବି.ଓ. ଶଶିଭୂଷଣ ମହାପାତ୍ର, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାଶ, ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ, ବେଲଗୁଣ୍ଠା ତହସିଲଦାର କଳାକାହ୍ନୁ ପ୍ରଧାନ, ଏଷ୍ଟାବ୍ଲିଶମେଣ୍ଟ ଅଫିସର ଅନିଲ କୁମାର ପଣ୍ଡା, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୨୦ା୧୧(ଗିରିଧାରୀ ପରିଚ୍ଛା)

କାଶୀନଗର ବ୍ଲକ ଅନ୍ତର୍ଗତ ଗୋରିବନ୍ଧ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍.କୁମାର ଓ ଜିଲାପରିଷଦ ଅଧକ୍ଷ ଜି. ତିରୁପତି ରାଓ ପ୍ରମୁଖ ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଗୋରିବନ୍ଧ ସମେତ ଅଲ୍ଲଡ଼ା, ଖଣ୍ଡଭା, ବୁଦୁରା ଓ ଶିୟାଲି ଗ୍ରାମ ପଞ୍ଚାୟତର ସମୁଦାୟ ୫୮ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ପଞ୍ଚାୟତ ସମିତି ଅଧକ୍ଷା ବାଳା ସାୟାମା, କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି,ତହସିଲଦାର ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଛତ୍ରପୁର,(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ )–ଛତ୍ରପୁର ରେଲୱେ ଷ୍ଟେଶନ ଓ ବାଲିବଗଡ ମଧ୍ୟ ଭାଗ ରେଳଧାରଣା କଡ଼ ଡ୍ରେନ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଜିଆରପି ଜବତ କରିଛି । ମୃତକଙ୍କ ପରିଚୟ ମିଳିପାରିନାହିଁ । ସେ ନୀଳ ରଙ୍ଗର ଜିନ୍ ପ୍ୟାଣ୍ଟ ସହ ବାଦାମୀ ରଙ୍ଗର ଟି-ସାର୍ଟ ପିନ୍ଧିଛନ୍ତି । କୌଣସି ସୂତ୍ରରୁ ବ୍ରହ୍ମପୁର ରେଳବାଇ ପୋଲିସ୍ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇଥିଲା । ଏ ନେଇ ଜିଆରପିରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ।

## ସଂକ୍ଷେପରେ

### ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର



ଜି.ଉଦୟଗିରି,୨୦।୧୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ସ୍ୱାଧୀନ କାଉନସିଲର ପି. ସଞ୍ଜୀବ କୁମାର ପାତ୍ରଙ୍କ ଉପରୁ ବିଜେଡି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି । ଦଳର ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି ବୋଲି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ସୂଚନା ପ୍ରକାରେ ପି. ସଞ୍ଜୀବ କୁମାର ୨୦୧୩ରୁ ୨୦୧୮ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜି.ଉଦୟଗିରି ଏନ୍‌ଏସିର ଅଧ୍ୟକ୍ଷ ହୋଇଥିଲେ । ୨୦୨୨ ନିର୍ବାଚନରେ ଏହି ସ୍ଥାନଟି ସାଧାରଣ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା । କିନ୍ତୁ ଏହି ଆସନ ପାଇଁ ତାଙ୍କ ସ୍ତ୍ରୀଙ୍କ ନିମନ୍ତେ ସେ ଦଳୀୟ ଟିକେଟ ପାଇଁ ଆବେଦନ କରିଥିଲେ । ଟିକେଟ ନ ମିଳିବାରୁ ସ୍ତ୍ରୀ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ । ତାଙ୍କ ପତ୍ନୀ ଦ୍ୱିତୀୟ ସ୍ଥାନରେ ରହିଥିଲେ ଏବଂ ନିଜେ ସଞ୍ଜୀବ କୁମାର ପାତ୍ର ୫ ନମ୍ବର ୱାର୍ଡ଼ରୁ କାଉନସିଲର ଭାବେ ଛିଡ଼ା ହୋଇ ବିଜୟ ହାସଲ କରିଥିଲେ । ସେ ସମୟରେ ଦଳ ତାଙ୍କୁ ନିଲମ୍ବିତ କରିଥିଲା । ଆସନ୍ତା ୨୯ ତାରିଖରେ ଅଧ୍ୟକ୍ଷ ଆସନ ନିମନ୍ତେ ଉପ ନିର୍ବାଚନ ଥିବା ଯୋଗୁ ଦଳ ସେପରି ଏକ ଟାଣୁଆ ନେତାଙ୍କୁ ହାତଛଡା କରିବାକୁ ଚାହୁଁନି । ତେଣୁ ଦଳ ତାଙ୍କ ଉପରେ ଥିବା ନିଲମ୍ବନକୁ ପ୍ରତ୍ୟାହାର କରିଛି ।

### ଜିଲା ମଞ୍ଚ କଳାକାର ସଂଘର ଶ୍ରଦ୍ଧାଞ୍ଜଳି ସଭା

ଖଜୁରିପଡ଼ା,୨୦।୧୧(ବିଦୁର ବେହେରା)

ଖଜୁରିପଡ଼ା ସ୍ଥିତ ସମ୍ପେପଦର ଘାଇ ଠାରେ ଯାତ୍ରା ଜଗତର ବର୍ଷୀୟାନ ତଥା ବରିଷ୍ଠ ହାସ୍ୟ ଅଭିନେତା ରବି ଶତପଥୀଙ୍କ ବିୟୋଗରେ କନ୍ଧମାଳ ଜିଲା ମଞ୍ଚ କଳାକାର ସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ଏଥିରେ ଜିଲାର ଅନେକ ମଞ୍ଚ କଳାକାର ଏବଂ ସଂଘର କର୍ମକର୍ତ୍ତା ଯୋଗଦାନ କରି ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ । ଏହା ପରେ ପୁଣି ଏକ ବୈଠକ ଆୟୋଜନ ହୋଇ ଜିଲା ମଞ୍ଚ କଳାକାର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଉକ୍ତ ବୈଠକ ସୁଧାଂଶୁ ଶେଖର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲା କଳାକାର ସଂଘ ସଭାପତି ଭାବେ ନୀଳାମ୍ବର ଦିଗାଲ, କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦିଗାଲ, ଉପ ସଭାପତି ଶିବ ପ୍ରସାଦ ନନ୍ଦ, ସମ୍ପାଦକ ଶ୍ରୀକାନ୍ତ ସାହାଣୀ, ସହ ସମ୍ପାଦକ ସୁଜିତ୍ ଠାକୁର, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବେହେରା, ପରିଚାଳକ କାମରାଜ ଦିଗାଲ, ଉପଦେଷ୍ଟା ଭାବେ ବିଭୂତି ଭୂଷଣ ମହାନ୍ତି, ନିରଞ୍ଜନ ବାଘ ଏବଂ ବିରୁପାକ୍ଷ ବେହେରାଙ୍କୁ ଚୟନ କରାଯାଇଛି । ସେହିଭଳି ଆଇନଜୀବୀ ରଞ୍ଜନ କୁମାର କହଁର, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ବିକାଶ କୁମାର ଦିଗାଲଙ୍କୁ ଚୟନ କରାଯାଇଛି ।

# ଫାର୍ମାସିଷ୍ଟ ଭରସାରେ ବାରିକୁମ୍ପା ସ୍ୱାସ୍ଥ୍ୟକେନ୍ଦ୍ର

ଖଜୁରିପଡ଼ା,୨୦।୧୧(ବିଦୁର ବେହେରା)




ବାରିକୁମ୍ପା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ।

ଖଜୁରିପଡ଼ା ବ୍ଲକ ବାରିକୁମ୍ପା ମେଡ଼ିକାଲରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇଯାଇଛି । ଲୋକଙ୍କୁ ମିଳୁଛି ଦିନ ବେଳା ଡାକ୍ତର ବିହୀନ ଚିକିତ୍ସା ସୁବିଧା । ରାତିରେ ମିଳୁଛି ଆଟେନାନଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା । ଆଜକୁ ୧୩ ଦିନ ହେଲା ଫାର୍ମାସିଷ୍ଟ ଭରସାରେ ଚାଲିଛି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର । ଚିକିତ୍ସା ପାଇଁ ଅଧ ରାତିରେ ଫୁଲବାଣୀ ମେଡିକାଲକୁ ଧାଉଁଛନ୍ତି ରୋଗୀ । ଡାକ୍ତର ନାହାନ୍ତ ନଥିବାରୁ ୧୩ ଦିନ ହେଲା ବାରିକୁମ୍ପା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଚଳାଉଛନ୍ତି ଫାର୍ମାସିଷ୍ଟ । ଫାର୍ମାସିଷ୍ଟ ଜଣଙ୍କ ରୋଗୀଙ୍କ ରକ୍ତ ପରୀକ୍ଷା, ରୋଗୀଙ୍କୁ ଇଞ୍ଜେକସନ ଦେବା, ସାଲାଇନ ଦେବା ସବୁ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି । ପ୍ରତିଦିନ ପ୍ରାୟ ୫୦ରୁ ୬୦ ଜଣ ରୋଗୀ ଏହି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥାନ୍ତି । ଫାର୍ମାସିଷ୍ଟଙ୍କୁ ସହାୟତା କରିବା ପାଇଁ ଜଣେ ଆୟୁଷ ଡାକ୍ତର ବର୍ଷା ରାଣୀ ପୃଷ୍ଟି, ନର୍ସିଂ ଅଧିକାରିଣୀ ପ୍ରୀତିଲତା ସାହାଣୀ, ଏଏନ୍‌ଏମ୍ ନନ୍ଦିନୀ ପ୍ରଭା ସାହାଣୀ, ଦୁଇଟି ଆଟେଣ୍ଡାଣ୍ଟ ଲିଜାବତୀ ବେହେରା ଏବଂ ଶର୍ମିଳା ପ୍ରଧାନ ସହିତ ଜଣେ ଏଲ୍‌ଟି ଶଙ୍କରସନ ବେହେରା ଏବଂ

### ରୋଗୀ ସେବା ବିପର୍ଯ୍ୟସ୍ତ

ଜଣେ ଝାଡୁଦାର ଝିଲି ଦିଗାଲ ପ୍ରମୁଖ ମିଶି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳାଉଛନ୍ତି । ଗୁରୁତର ରୋଗୀ, ପ୍ରସୂତୀ ଆସିଲେ ସଙ୍ଗେ ସଙ୍ଗେ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କିମ୍ବା ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରିଦେଉଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବଲସକୁମ୍ପା, ଟିଗ୍ରାପଙ୍ଗା, ଆଡାସୀପଡା, ଦୂତିପଡା, ଦୂତିମେଣ୍ଡି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭର କରିଥାନ୍ତି । ଏ ନେଇ ଫାର୍ମାସିଷ୍ଟ ଚନ୍ଦ୍ର ଶେଖର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପୂର୍ବରୁ ଡାକ୍ତର ପୀୟୂଷ ମୋହନ ସାମଲ ଏଠାରେ ଥିଲେ । ସେ ପଢିବା ପାଇଁ ଭୁବନେଶ୍ୱର ୭ ନଭେମ୍ବରରେ ଗଲେ । ତେଣୁ ଏବେ ଡାକ୍ତର ନ ଥିବାରୁ ରୋଗୀ ଚିକିତ୍ସା କରିବାରେ ସମସ୍ୟା ହେଉଛି ବୋଲି କହିଛନ୍ତି । ଅଞ୍ଚଳବାସୀଙ୍କ କହିବା ଅନୁସାରେ, ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିଲେ ବାଧ ହୋଇ ୧୫ କିଲୋମିଟର ଦୂର ଫୁଲବାଣୀ ବଡ ମେଡିକାଲ ଯିବାକୁ ପଡୁଛି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଣେ ଉତ୍ତମ ସେବା ଯୋଗାଉଥିବା ଡାକ୍ତର ଦେବାକୁ ମା’ ଇଷ୍ଟ ଦେବୀ ଯୁବ କଳା ପରିଷଦ ଯୁବକ ସଂଘ ଦାବି କରିଛି । ଏ ନେଇ ଗୋଷ୍ଠୀ ଚିକିତ୍ସା ଅଧିକାରୀ ନିମାଇଁ ଚରଣ ବିଶିଙ୍କୁ ପଚାରିବାରୁ ସେ ଏ ସମ୍ବନ୍ଧରେ ଅବଗତ ଅଛନ୍ତି ଜିଲା ଚିକିତ୍ସା ଅଧିକାରୀଙ୍କ ସହିତ କଥା ହୋଇ ଡାକ୍ତର ପଠେଇବା ପାଇଁ ସେ କହିଛନ୍ତି ।

## ଗଞ୍ଜାମ ବ୍ଲକ ସ୍ତରୀୟ ପରିବେଶ ବିଜ୍ଞାନ ମେଳା

ଗଞ୍ଜାମ,୨୦।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ହାଇସ୍କୁଲ କନଫରେନ୍ସ ହଲଠାରେ ସୋମବାର ବ୍ଲକ ସ୍ତରୀୟ ପରିବେଶ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା, ସଂଯୁକ୍ତା ବେହେରା, ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଜେନା ଉପସ୍ଥିତ ଥିଲେ । ଗୋଖରକୁଦା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ଅନିତା ମିଶ୍ର, ସନ୍ତୋଷୀ ନାହାକ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ରେଡ଼ି, ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ନେପାକ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ଏହି ମେଳାରେ ପ୍ରାୟ ୭୦ ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା । ସେଥିରୁ ୪ ଜଣ ଛାତ୍ରୀ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଥିବା ଏବିଇଓ ବିଜୟ ବେହେରା ସୂଚନା ଦେଇଛନ୍ତି । ଏହାକୁ ବ୍ଲକର ବିଭିନ୍ନ କ୍ଲଷ୍ଟର ସିଆରସିସି ରବୀନ୍ଦ୍ର ପଣ୍ଡା, ମହେଶ ବେହେରା, ପୂର୍ବତନ ସିଆରସିସି ବିପ୍ର ଚରଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଜଳ ଯୋଗାଣ ପ୍ରକଳ୍ପ ଅନୁଧ୍ୟାନ କଲେ ମୁଖ୍ୟଯନ୍ତ୍ରୀ



ମୁଖ୍ୟଯନ୍ତ୍ରୀ ଅନୁଧ୍ୟାନ କରୁଛନ୍ତି ।

ଛତ୍ରପୁର,୨୦।୧୧(ସନ୍ତୋଷ ପାଢୀ)

ରାଜ୍ୟ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ମୁଖ୍ୟ ଇଞ୍ଜିନିୟର-୧ ସୋମବାର ଗଞ୍ଜାମ ଜିଲାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ଉକ୍ତ ପ୍ରକଳ୍ପ ଗୁଡିକର ନିର୍ମାଣ ପାଇଁ ରଖାଯାଇଥିବା ଲକ୍ଷ୍ୟ ପୂରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟଯନ୍ତ୍ରୀ ଗଞ୍ଜାମ, ଖଲ୍ଲିକୋଟ, ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକ ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ନିର୍ମାଣ ଚାଲିଥିବା ଇନଟେକ ୱେଲ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଦେଖିଥିଲେ । ଏହି ପ୍ରକଳ୍ପ ତ୍ୱରାନ୍ୱିତ ହେଲେ ଛତ୍ରପୁର, ଖଲ୍ଲିକୋଟ ଓ ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ । ସୂଚନାଯୋଗ୍ୟ, ଉକ୍ତ ବ୍ଲକ ଗୁଡିକରେ ପାନୀୟ ଜଳ ସମସ୍ୟା ଦୂର ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦେଇଥିଲେ । ୨୦୨୪ ରେ ଉକ୍ତ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ପାଇଁ ଲକ୍ଷ୍ୟ ରଖାଯାଇଛି ।

## ଜାତୀୟ ସବ୍‌ଜୁନିୟର କରାଟେରେ ସାନଭିଙ୍କୁ କାଂସ୍ୟ

ଫୁଲବାଣୀ,୨୦।୧୧
(ରାକେଶ କୁମାର ରାଉତ)

ଦିଲ୍ଲୀରେ ଆରମ୍ଭ ହୋଇଥିବା ଜାତୀୟ ସବ ଜୁନିୟର କରାଟେ ଚାମ୍ପିୟନସିପରେ ଓଡ଼ିଶା ଟିମକୁ ୨୫ ପଦକ ମିଳିଛି । ସେଥିରୁ ସ୍ୱର୍ଣ୍ଣ ୭, ରୌପ୍ୟ ୬ ଏବଂ କାଂସ୍ୟ ୧୨ ରହିଛି । ୭ ବର୍ଷରୁ କମ ୨୦ କି.ଗ୍ରା ବର୍ଗରେ ଫାଇଟ କରି କନ୍ଧମାଳର ଝିଅ ସାନଭି ସାଧନା କାଂସ୍ୟ ପଦକ ହାସଲ କରି ସୁନାମ ଆଣିଛନ୍ତି । ସେ ଉତ୍କଳ କରାଟେ ସ୍କୁଲରେ ପଢୁଛନ୍ତି । ସାନଭିଙ୍କ ଘର ଶଙ୍କରାଖୋଲରେ । ବର୍ତ୍ତମାନ ସେ ବହ୍ରିଙ୍ଗିଆରେ ରହୁଛନ୍ତି । ବାପା ଆଶିଷ କୁମାର ଏବଂ ମା ସୁପ୍ରଭାଙ୍କ ଝିଅ ସାନଭି ୫ ବର୍ଷରୁ ଉତ୍କଳ କରାଟେ ସ୍କୁଲ ଟିକାବାଲିଠାରେ ପ୍ରଶିକ୍ଷଣ ଆରମ୍ଭ କରିଥିଲେ । ସାନଭି ଏହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ କରାଟେ ସ୍କୁଲ ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ଜୁନେସ ଦିଗାଳ, ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର କହଁରଙ୍କର ଦୃଢ଼ ପ୍ରଚେଷ୍ଟା ରହିଛି । ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ସ୍ୱର୍ଣ୍ଣ ପଦକ ବୋଲି ପ୍ରକାଶ କରିଛନ୍ତି । ଝିଅର ସଫଳତାରେ ପିତା, ମାତା, ପରିବାର ବର୍ଗ ଏବଂ କନ୍ଧମାଳବାସୀ ପ୍ରଶଂସା କରବା ସହିତ ଶୁଭେଚ୍ଛା ଜଣେଇଛନ୍ତି ।



ପଦକ ସହ ସାନଭି ।

## ଆଖଣ୍ଡଳମଣି ମେଳା

ଆସିକା,୨୦।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଥିବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସବୁବର୍ଷ ଭଳି ଚଳିତବର୍ଷ ମଧ କାର୍ତ୍ତିକ ସୋମବାରରେ ଆଖଣ୍ଡଳମଣିଙ୍କ ମେଳା ଅନୁଷ୍ଠିତ ହୋଇଛି । ଏହି ଅବସରରେ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ସାମୁହିକ ପ୍ରସାଦସେବନ କରାଯାଇଥିଲା । ଅଦାଲତର କର୍ମଚାରୀ, ଆଇନଜୀବୀମାନଙ୍କ ସମେତ ଶ୍ରଦ୍ଧାଳୁଙ୍କ ସମାଗମରେ ମେଳା ହୋଇଥିଲା । ୩୮ ବର୍ଷଧରି ଏହି ଉତ୍ସବ ପାଳିତ ହୋଇ ଆସୁଛି । ସେହିଭଳି ଆସିକା ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଶୈବ ପୀଠରେ ସୋମବାର ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ବିଜ୍ଞାନ ମେଳାରେ ୧୨୬ ପ୍ରକଳ୍ପ ପ୍ରଦର୍ଶିତ

ଶେରଗଡ଼,୨୦।୧୧(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଧନନ୍ତର ସ୍ଥିତ ନାଥେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାକୁ ସହକାରୀ ଜିଲା ଶିକ୍ଷାଅଧିକାରୀ ପବିତ୍ର ମୋହନ ସାହୁ ଉଦ୍‌ଘାଟନ କରିଥିଲେ । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ୭୦, ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୫୫, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ୧ ପ୍ରକଳ୍ପ ଆସିଥିଲା । ବିଚାରକ ଭାବେ ଉଦୟପ୍ରତାପ ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟର ଅଧାପକ ଶିଶିର କାନ୍ତ ତ୍ରିପାଠୀ, ଅଧାପିକା ରୀତାରାଣୀ ସ୍ୱାଇଁ ଯୋଗଦେଇ ମୋଟ ୫ ପ୍ରକଳ୍ପକୁ ଜିଲା ସ୍ତରୀୟ ବିଜ୍ଞାନ ମେଳାକୁ ଚୟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଅଧିକାରୀ ଅମିତା ପଟ୍ଟନାୟକ ଯୋଗଦେଇ ଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ବିଜ୍ଞାନ ନୀରିକ୍ଷିକ ରାମଚନ୍ଦ୍ର ମହାରଣା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଶୈରନ୍ଧ୍ରୀ ଦଳେଇ, ପ୍ରାକ୍ତନ ପ୍ରଧାନଶିକ୍ଷକ ନବୀନ ପାଢୀ, ନାଥେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଦାରନାଥ ମହାନ୍ତି, ବିଦ୍ୟାଳୟର ସଭାପତି ମକରା ସ୍ୱାଇଁ ସିଆର୍‌ସିସି ଆଶିଶ କୁମାର ସେଠୀ, ପ୍ରସନ୍ନ କୁମାର ସାବତ ଯୋଗଦେଇଥିଲେ ।

## ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ



ଛତ୍ରପୁର,୨୦।୧୧
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛତ୍ରପୁର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ପ୍ରଦର୍ଶନୀ ବିଇଓ ସୀତାରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ଶୁଭ୍ରକାନ୍ତ ମହାନ୍ତି, ଏବିଇଓ ଘନଶ୍ୟାମ ପଣ୍ଡା, ସୁଧାଶୁଂବାଳା ପଟ୍ଟନାୟକ ଓ ଗୀତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଗୁଡିକ ବୁଲି ଅନୁଧ୍ୟାନ କରିଥିଲେ । ବ୍ଲକର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ମୋଟ ୧୪୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ବିଚାରକ ମାନେ ଶ୍ରେଷ୍ଠ ୪ଟି ପ୍ରକଳ୍ପ ଚିହ୍ନଟ କରି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ ।

## ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

ବାଲିପଦର,୨୦।୧୧(ବିଶି କେସନ ସ୍ୱାଇଁ):

ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ଦୁଇ ଦିନିଆ ସାହିତ୍ୟିକ ସମାବେଶ ଓ ସମ୍ବର୍ଦ୍ଧନା ସଭା ସୋମବାର ଉଦ୍‌ଯାପିତ ହୋଇଛି । ପ୍ରଥମ ଦିନ କାର୍ଯ୍ୟକ୍ରମକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ବାଲିପଦର କଲେଜ ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର, ସଭପତି ବିପ୍ଳବୀ କବି ପ୍ରଶାନ୍ତ ମିଶ୍ର, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର ଯୋଗଦେଇଥିଲେ । ଦ୍ୱିତୀୟ ଦିବସ ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ବାଲିପଦର ଅଞ୍ଚଳର କୃଷ୍ଣସାର ମୃଗମାନଙ୍କ ଅବାଧ ବିଚରଣକୁ ଅଞ୍ଚଳବାସି ଯେଭଳି ସୁରକ୍ଷା ଦେଇ ଆସିଛନ୍ତି ତାର ଭୂୟସି ପ୍ରସଂଶା କରିଥିଲେ । ଅନ୍ୟତମ ଅତିଥି ଭାବେ ଶିଳ୍ପପତି ଇଂ ଲକ୍ଷ୍ମୀ ପ୍ରସାଦ ନାୟକ, ଗବେଷକ ଶ୍ରୀରଙ୍ଗ ନାୟକ, ପ୍ରଫେସର କୈଳାଶ ବାଣ୍ଟ, ନମିତା ମିଶ୍ର, ସମିର କୁମାର ବେହରା, ସୌଦାମିନୀ ମିଶ୍ର, କବି ପ୍ରମୋଦ କୁମାର ପଣ୍ଡା, ମୋତିଲାଲ ପତି, କବି ଅନନ୍ତକର ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଗଞ୍ଜାମର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କବି ଗୌରିପତି ଦାସ ଓ ଜୋସ୍ନା ରାଣି ପଟ୍ଟନାୟକଙ୍କ ସଂଯୋଜନାରେ କବିତା ଆସରରେ ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରାଯାଇଥିଲା । ଏଥିସହ ସମାଜିକ କର୍ମୀ ଡାକ୍ତର ଦୟାନିଧି ରାଉତ, ଡ. ବି.ପ୍ରକାଶ ଚନ୍ଦ୍ର ପାତ୍ର, ନମିତା ମିଶ୍ର, ଇଂ. ଲକ୍ଷ୍ମୀ ପ୍ରସାଦ ନାୟକ, ସମିର କୁମାର ବେହରା, ଧରଣି ଧର ପଣ୍ଡା, ହରପ୍ରିୟା ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଖେମୁଣ୍ଡି କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୦।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ବିକାଶ କ୍ଷେତ୍ରରେ ଯୁବକମାନଙ୍କ ଅଂଶ ଗ୍ରହଣ ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋଚନା କରାଯାଇଥିଲା । କଲେଜ ଅଧ୍ୟକ୍ଷ ଅନୁପ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସଭାପତି ସନ୍ଧ୍ୟାରାଣୀ ଦାଶ ଅତିଥି ଥିଲେ । ଯୁକ୍ତ ୩ ବିଭାଗ ନୋଡାଲ ଅଫିସର ହିମାଂଶୁ ଶେଖର ମିଶ୍ର, ଯୁକ୍ତ ୨ ନୋଡାଲ ଅଫିସର ତ୍ରିଲୋଚନ ରଇତଙ୍କ ସମେତ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ମିଶ୍ର, ପ୍ରଭଞ୍ଜନ ପଣ୍ଡା, ଧ୍ରୁବ କୁମାର ବିଶ୍ୱାସ, ଅଶ୍ୱିନୀ ପଟ୍ଟନାୟକ, ଅଧ୍ୟାପିକା ସାଲିନୀ ସାକସେନା, ସସ୍ମିତା ସ୍ୱାଇଁ, ସରିତା ନାହାକ, ଆରତୀ ସେଠୀ, ନିର୍ମଳା ମହାନ୍ତି ଉପସ୍ଥିତ ଥିଲେ ।

## ନକଲି ସାର୍ଟିଫିକେଟ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ

### ୭ ଶିକ୍ଷକଙ୍କ ନାଁରେ ଏତଲା

ଖଲ୍ଲିକୋଟ,୨୦।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ବଧିନୂଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ୭ ଜଣ ଶିକ୍ଷକ ନକଲି ପ୍ରମାଣପତ୍ରରେ ଚାକିରି କରୁଥିବା ଖଲ୍ଲିକୋଟ ଥାନାରେ ଏତଲା ହୋଇଛି । ଖଲ୍ଲିକୋଟ ଥାନା କେଶ ନମ୍ବର ୮୧୭/୨୩ ପ୍ରକାରେ ମାମଲା ରଜୁ ହୋଇଛି । ୧୯୯୬ ରୁ ପ୍ରତିଷ୍ଠିତ ଏହି ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟରେ ୭ଜଣ ଶିକ୍ଷକ ନକଲି ପ୍ରମାଣପତ୍ରରେ ଚାକିର କରୁଥିବା ଅଭିଯୋଗକୁ ପ୍ରଧାନ ଶିକ୍ଷକ ଅସ୍ୱୀକାର କରିଛନ୍ତି । ସେହିପରି ଖଲ୍ଲିକୋଟ ବ୍ଲକ ବିଇଓ ଦେବସ୍ମାନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଏ ଯାଏ ତାଙ୍କ ନିକଟରେ କୌଣସି ସେଭଳି ଖବର ନାହିଁ । ସୂଚନା ମିଳିଲେ ତଦନ୍ତ କୀରଯିବ । ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ହେବ ।

## ଛତ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟର ସଫଳତା



ଛତ୍ରପୁର,୨୦।୧୧(ଦିଲୀପ ସାମଲ):

ରାଜ୍ୟସ୍ତରୀୟ ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ୨୬ଟି ପ୍ରକଳ୍ପ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛି । ସେଥିରେ ଗଞ୍ଜାମ ଜିଲା ଛତ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଓସ୍ମିକା ପାଣିଗ୍ରାହୀ ଓ ପ୍ରିୟା ପ୍ରିୟଦର୍ଶନୀ ଦାସଙ୍କ ପ୍ରକଳ୍ପ ‘ହଳଦୀ: ଆତ୍ମନିଭରଶୀଳତା ନିମନ୍ତେ ପ୍ରକୃତିର ଏକ ସ୍ୱର୍ଣ୍ଣାଭ ବରଦାନ’ ରହିଛି । ପ୍ରକଳ୍ପ ପ୍ରସ୍ତୁତି ନିମନ୍ତେ ଜିଲା ବିଜ୍ଞାନ କଂଗ୍ରେସ ସଂଯୋଜକ ଗୋକୁଳ କୃଷ୍ଣ ପଣ୍ଡା

### ରାଜ୍ୟସ୍ତରୀୟ ବିଜ୍ଞାନ କଂଗ୍ରେସ

ମାର୍ଗଦର୍ଶନ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା । ସଫଳତା ପାଇଁ ପ୍ରଧାନ ଶିକ୍ଷକ ଦ୍ୱାରିକାନାଥ ବେହେରା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଗର୍ବ ଅନୁଭବ କରୁଛନ୍ତି । ଜିଲା ଶିକ୍ଷାଧିକାରିଣୀ ଅମିତ ପଟ୍ଟନାୟକ ଓ ଡିଏସଏସ ରାମଚନ୍ଦ୍ର ମହାରଣା କୃତୀ ଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସୁରଭି ଗୋଧାମରେ ଗୋଷ୍ଠାଷ୍ଟମୀ

ସୋରଡ଼ା,୨୦।୧୧(ଲମ୍ବୋଦର ପାଣିଗ୍ରାହୀ)

ସୋରଡା ବ୍ଲକ ପାଲକାଟ ନିକଟ ସୁରଭି ଗୋଧାମରେ ସୋମବାର ପବିତ୍ର ଗୋଷ୍ଠାଷ୍ଟମୀ ପର୍ବ ପାଳିତ ହୋଇଛି । ସକାଳୁ ସମସ୍ତ ଗୋମାତାଙ୍କୁ ସ୍ନାନ କରାଯାଇ ଫଳ ଖାଇବାକୁ ଦିଆଯାଇଥିଲା । ପରେ ଫୁଲଚନ୍ଦନ ଲଗାଇ ପୂଜା କରାଯାଇଥିଲା । ପୁରୋହିତ କେଦାର ନାଥ ତ୍ରିପାଠୀଙ୍କ ଦ୍ୱାରା ହୋମ ସମ୍ପାଦନ କରଯାଇଥିଲା । ଅଖିଳ ଭାରତୀୟ ସନ୍ଥ ସମିତି ଅଧ୍ୟକ୍ଷ ସତ୍ୟାନନ୍ଦ ବ୍ରହ୍ମଚାରୀ ,ଗୋରକ୍ଷା ସମିତିର ଚିନ୍ମୟ ନନ୍ଦ ସରସ୍ୱତୀ ଯୋଗଦେଇ ଗୋମତାଙ୍କ ସୁରକ୍ଷା ଦାୟିତ୍ୱ ଉପରେ କହିଥିଲେ । ଟ୍ରଷ୍ଟି ଅମ୍ବିକା ପ୍ରସାଦ ଦାସ, ତପନ କୁମାର ପାଠୀ, ପରିଚାଳକ ଶିବରାମ ପାଣିଗ୍ରାହୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୋକାନ ଗୃହ ଆବଣ୍ଟନରେ ଅନିୟମିତା ପ୍ରତିବାଦରେ ବନ୍ଦ

ଆର.ଉଦୟଗିରି,୨୦।୧୧
(ମନୋଜ କୁମାର ପାଢୀ)

ଆର.ଉଦୟଗିରି ଗ୍ରାମ ନୂଆ ବସଷ୍ଟାଣ୍ଡରେ ନିର୍ମିତ ଦୋକାନ ଗୃହ ଆବଣ୍ଟନରେ ଅନିୟମିତା ପ୍ରତିବାଦରେ ଗ୍ରାମର ଯୁବଗୋଷ୍ଠୀ ସୋମବାର ୧୨ ଘଣ୍ଟିଆ ଦୋକାନ ବଜାର ବନ୍ଦ କରିଛନ୍ତି । ଓଏସଆରଟିସି ପକ୍ଷରୁ ଦ୍ୱାରା ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂଆ ବସଷ୍ଟାଣ୍ଡ ସହ ୧୫ଟି ଦୋକାନ ଗୃହ ନିର୍ମାଣ କରାଯାଇଛି । କିଛିମାସ ତଳେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସରେ ଏହାକୁ ଉଦଘାଟନ କରିଥିଲେ । ଓଏସଆରଟିସି ବିଭାଗ ନିର୍ଦ୍ଦେଶରେ ସ୍ଥାନୀୟ ବ୍ଲକ ପ୍ରଶାସନ ୧୫ଟି ବଜାର ଗୃହ ବିନା ନୋଟିସରେ ବଣ୍ଟନ କରିଥିଲା । ଏହା ପ୍ରତିବାଦରେ ସୋମବାର ଗ୍ରାମର ଯୁବଗୋଷ୍ଠୀ ବୁଲି ବୁଲି ଗ୍ରାମର ସବୁ ଦୋକାନ ବନ୍ଦ କରିଥିଲେ । ସ୍ଥାନୀୟ ବିଡିଓ, ସରପଞ୍ଚ ଓ ବିଜେଡି ବ୍ଲକ ସଭାପତି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ହାଟପଦାରେ ଏକ ସାଧାରଣ ସଭା କରିଥିଲେ । ପରେ ରାଲିରେ ଯାଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ । ଦୋକାନ ଗୃହ ଆବଣ୍ଟନକୁ ରଦ୍ଦ କରିବା ସହ ଲଟେରି ମାଧ୍ୟମରେ ଦୋକାନ ଗୃହ ବଣ୍ଟନ କରିବାକୁ ଦାବି କରିଥିଲେ । ସ୍ଥାନୀୟ ତହସିଲଦାର ଜ୍ୟୋତିର୍ମୟୀ ଦାସ, ବିଡିଓ ଲରିମନ ଖର୍ସେଲ ଓ ଥାନା ଅଧିକାରୀ ପ୍ରଶାନ୍ତ ମଳିକ ବ୍ଲକ କାର୍ଯ୍ୟାଳୟରେ ଥିଲେ । ଯୁବଗୋଷ୍ଠୀ ଏବଂ ବିଡିଓ ଖର୍ସେଲଙ୍କ ମଧ୍ୟରେ ଏ ବିଷୟ ନେଇ ଆଲୋଚନା ହୋଇଥିଲା । ବିଡିଓ ଏନେଇ ଜିଲାପାଳ ଏବଂ ଓଏସଆରଟିସି ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ୨୦ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଯୁବଗୋଷ୍ଠୀ ଫେରିଥିଲେ । ୨୦ ଦିନରେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନକୁ ଓହ୍ଲେଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।




ଆନ୍ଦୋଳନରେ ସାମିଲ ହୋଇଥିବା ମହିଳା ଓ ପୁରୁଷମାନେ ।

## ସଂକ୍ଷେପରେ

### ବାପଘରେ ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୨୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ମାନସିକ ଦୁଶ୍ଚିନ୍ତାରୁ ଜଣେ ମହିଳା ତାଙ୍କ ବାପ ଘରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଟାଉନ ଥାନା ଅନ୍ତର୍ଗତ ଗୋଲେଲା ସାହିର ଡ଼ି. ଜଗଦେଶ୍ୱର ରାଓଙ୍କ ସ୍ତ୍ରୀ ଡ଼ି. ଶ୍ରାବଣୀ (୨୪)। ପୋଲିସ ସୋମବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଶ୍ରାବଣୀଙ୍କ ଭାଇ ୟାଇ. ଭେଙ୍କଟକିରଣଙ୍କ ଅଭିଯୋଗ ପ୍ରକାରେ ପୋଲିସ ୩୧/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଶ୍ରାବଣୀଙ୍କୁ ତାଙ୍କ ସାହିର ଜଗଦେଶ୍ୱର ରାଓ କିଛିବର୍ଷ ପୂର୍ବେ ବିବାହ କରିଥିଲେ। ଜଗଦେଶ୍ୱର ବିହାରରେ ରହି ବ୍ୟବସାୟ କରୁଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ। ଦଶହରା ସମୟରେ ଜଗଦେଶ୍ୱର ପରିବାର ସହ ତାଙ୍କ ଶ୍ୱଶୁର ଘରକୁ ଆସିଥିଲେ। କିଛିଦିନ ତଳେ କୌଣସି ଏକ କାମରେ ସେ ସ୍ତ୍ରୀ ଓ ପିଲାଙ୍କୁ ଶ୍ୱଶୁର ଘରେ ରଖି ବିହାର ଚାଲିଯାଇଥିଲେ। ରବିବାର ଅପରାହ୍ନରେ ଶ୍ରାବଣୀ ଘରେ ବାନ୍ତି କରି ଗୁରୁତର ହୋଇ ପଡ଼ିଥିଲେ। ଭେଙ୍କେଟକିରଣ ଭଉଣୀଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଶ୍ରାବଣୀଙ୍କ ମୃତ୍ୟୁ ଘଟିଥିଲା।

### ଟ୍ୟାଙ୍କର ଧକ୍କାରେ ଚାଷୀଙ୍କ ମୃତ୍ୟୁ

ଭଞ୍ଜନଗର,୨୦।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର-ଦଶପଲ୍ଲା ମୁଖ୍ୟ ରାସ୍ତାର କୋକଲବା ଠାରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁବଳ ମୁଳି। ସୁବଳ ଭୋରରେ ତାଙ୍କ ଜମି ଆଡ଼େ ଯାଇ ରାସ୍ତା କଡ଼ରେ ଠିଆ ହୋଇଥିଲେ। ଏହି ସମୟରେ ଦଶପଲ୍ଲା ପଟୁ ଭଞ୍ଜନଗର ଅଭିମୁଖେ ଆସୁଥିବା ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଭଞ୍ଜନଗର-ଦଶପଲ୍ଲା ମୁଖ୍ୟରାସ୍ତାକୁ କିଛି ସମୟ ପାଇଁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଥିଲା।

### ଜଳିଗଲା ବାଇକ୍

ବ୍ରହ୍ମପୁର,୨୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ଛକ ରାସ୍ତାକଡ଼ ଘର ସମ୍ମୁଖରେ ଥିବା କେ. ସରୋଜ ଆଚାରୀଙ୍କ ବାଇକ୍ (ଓଡ଼ି ୦୭ ଏବି ୭୦୧୧) ରବିବାର ରାତିରେ ଜଳିଯାଇଛି। ରାତି ପ୍ରାୟ ସାଢ଼େ ୧୨ଟାରେ ବାଇକ୍‌ଟି ଜଳୁଥିବା ଉକ୍ତ ରାସ୍ତା ଦେଇ ଯାଉଥିବା ଏସ. କ୍ରିଷ୍ଣା ପାତ୍ର ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଅଗ୍ନିଶମ ସହକାରୀ ଅଧିକାରୀ ଠାକୁର ପ୍ରସାଦ ଦଳାଇ କହିଛନ୍ତି। ବାଇକରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ପ୍ରାଥମିକ ତଦନ୍ତରୁ ଅଗ୍ନିଶମ ବିଭାଗ ସନ୍ଦେହ କରୁଛି। ଗାଡ଼ି ମାଲିକ ସରୋଜ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ଅର୍ଦ୍ଧାଧିକରେ ବିଜେଡି ଖେଳିପାରେ ମହିଳା କାର୍ଡ

ବ୍ରହ୍ମପୁର,୨୦।୧୧(ନରସିଂହ ସାହୁ)

- ଗଞ୍ଜାମ ଜିଲାରେ ୧୩ ନିର୍ବାଚନ ମଣ୍ଡଳୀ
- ପୁଣି ପ୍ରାର୍ଥୀ ହେବା ନେଇ ଆଶଙ୍କାରେ ୩ ବିଧାୟକ

ଗଞ୍ଜାମ ଜିଲାର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୨୦୧୯ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିରୁ ୧୨ ବିଧାୟକ ନିର୍ବାଚିତ ହୋଇଥିଲେ। କେବଳ ସାନଖେମୁଣ୍ଡି ଆସନରୁ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ। ଗୋପାଳପୁରରୁ ନିର୍ବାଚିତ ବିଧାୟକ ବିଜେଡିରୁ ୩ବର୍ଷ ତଳୁ ବହିଷ୍କୃତ ହୋଇଛନ୍ତି। ଇତିମଧ୍ୟରେ ଦିଗପହଣ୍ଡି ବିଧାୟକଙ୍କ ପରଲୋକ ହୋଇଯାଇଛି। ଫଳରେ ଜିଲାରେ ଏବେ ୧୦ ବିଧାୟିକା ବିଧାୟକ ବିଜେଡିର ଅଛନ୍ତି।

କିଛିମାସ ପରେ ୨୦୨୪ ନିର୍ବାଚନ ହେବ। ତେଣୁ ଜିଲାରେ ମୁଖ୍ୟତଃ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପାର ପ୍ରାକ୍ ପ୍ରସ୍ତୁତି ଜୋରଦାର ଚାଲିଛି। ଅସ୍ତିତ୍ୱ ହରାଇଥିବା କଂଗ୍ରେସ ନୀରବରେ ରହିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ମହିଳା କାର୍ଡ ଖେଳୁଥିବାରୁ ଆଗାମୀ ନିର୍ବାଚନରେ ଅର୍ଦ୍ଧାଧିକ ଆସନରେ ମହିଳା ପ୍ରାର୍ଥୀ ଲଢ଼ିବାର ରାଜନୀତି ମହଲରେ ଚର୍ଚ୍ଚା ହେଉଛି। ଶଙ୍ଖ ଦଳରୁ ବିଦା ହୋଇଥିବା ଗୋପାଳପୁର ବିଧାୟକଙ୍କ ୩ ଅନୁଗତ ବିଧାୟକ ଟିକେଟ ପାଇବେ କି ନାହିଁ ସେମାନେ ଆଶା ଓ ଆଶଙ୍କାରେ ଥିବା କର୍ମୀ ମହଲରୁ ଆଲୋଚନା ହେଉଛି। ତନ୍ମଧ୍ୟରୁ ଜଣେ ଲଗାତର ଭାବେ ୩ ଥର, ଆଉଜଣେ ୨ ଥର ଓ ଜଣେ ଥରେ ନିର୍ବାଚିତ ହୋଇଛନ୍ତି। ପ୍ରଥମଥର ବିଧାୟକ ହୋଇଥିବା ଜଣକ ଦଳର କର୍ମୀଙ୍କ ଆକ୍ରୋଶର ଶୀକାର ହୋଇଥିବା ବେଳେ ୨ ଥର ଜିତିଥିବା ବିଧାୟକ ବିଭିନ୍ନ ମାମଲାରେ ଛନ୍ଦି ହୋଇଛନ୍ତି। ୩ ଥର ଜିତି ହ୍ୟାଟ୍ରିକ ହୋଇଥିବା ବିଧାୟକ ଅସୁସ୍ଥତା ଥିବାରୁ ସେଠାରେ ନୂଆ ଚେହେରାଙ୍କୁ ବିଜେଡି ପ୍ରାର୍ଥୀ କରିବା ସମ୍ଭାବନା ଥିବା ଆଲୋଚନା ଚାଲିଛି।

ଅନ୍ୟପକ୍ଷରେ ଗୋପାଳପୁର ଓ ସାନଖେମୁଣ୍ଡି ଆସନ ଉପରେ ବିଜେଡି ଫୋକସ କରିଛି। ସାନଖେମୁଣ୍ଡି କଂଗ୍ରେସ ହାତରୁ ଛଡ଼ାଇ ଆଣିବାକୁ ଦଳ ଏବେଠୁ ରଣନୀତି ଆରମ୍ଭ କରିଛି। ଗୋପାଳପୁର ସମ୍ମାନର ପ୍ରଶ୍ନ ହୋଇଥିବାରୁ ସେଠାର ଦଳୀୟ ସାଙ୍ଗଠନିକ ଦାୟିତ୍ୱ ବ୍ରହ୍ମପୁର ବିଧାୟକଙ୍କୁ ନ୍ୟସ୍ତ କରିଛି। ଦିଗପହଣ୍ଡି ବିଜେଡି ରାଜନତିରେ ଗୋଷ୍ଠୀ କନ୍ଦଳ ଉଗ୍ର ହୋଇଥିବାରୁ ସେଠାରେ ଦଳରୁ କାହାକୁ ପ୍ରାର୍ଥୀ କରାଯିବ ଏବେ ଅସ୍ପଷ୍ଟ ରହିଛି। ଖଲିକୋଟ, କବିସୂର୍ଯ୍ୟନଗର ଆସନରେ ମଧ୍ୟ ବିଜେଡିର ବିଦ୍ରୋହୀମାନେ ବିଧାୟିକା ବିପକ୍ଷରେ ଅଛନ୍ତି। ଚିକିଟି, ସୋରଡ଼ା ଓ ପୋଲସରା ନିର୍ବାଚନ ମଣ୍ଡଳୀରେ ବିରୋଧୀ ଭାଜପା ସାଙ୍ଗଠନିକ ସ୍ଥିତି ବଢୁଥିବାରୁ ସେଥିପ୍ରତି ବିଜେଡି ନଜର ରଖିଛି। ଖୁବ ନିକଟରେ ଚିକିଟିରେ ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ କର୍ମୀ ସମ୍ମିଳନୀ କରାଯିବ ବୋଲି ଜିଲା ସଂଗଠନ ପକ୍ଷରୁ ସୂଚନା ମିଳିଛି। ଏସବୁ କାରଣରୁ ଜିଲା ବିଜେଡି ରାଜନୀତି ରୋଚକ ହୋଇଛି। ଆଗାମୀ ନିର୍ବାଚନରେ ୧୩ଟି ଯାକ ଆସନ ବିଜେଡି ଦଖଲ କରିବାର ଆଶା ରଖିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ମଧୁ



@ ସତ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କ୍ରୀଡ଼ା ସମାରୋହ ଉଦ୍‌ଘାଟିତ



ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିମାନେ।

ବ୍ରହ୍ମପୁର,୨୦।୧୧(ତନୁଶ୍ରୀ ନାହାକ)

**ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ଦ୍ୱାରା ସମନ୍ୱିତ ଯୁବ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ଯୁବ କ୍ରୀଡା ସମାରୋହ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଏହାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ କ୍ରୀଡାର ମହତ୍ତ୍ୱ ବୁଝାଇବା ସହିତ ଯୁବସମାଜ ପାଇଁ ସରକାରଙ୍କ ଏପରି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଯୁକ୍ତ ୨ କ୍ରୀଡ଼ା ସମିତିର ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡ.ଅଚ୍ୟୁତ ବିଶ୍ୱାଳ, ଯୁକ୍ତ ୨ନୋଡ଼ାଲ ଅଧିକାରୀ ଡ.ଚିତ୍ତରଞ୍ଜନ ମହାନ୍ତି, ଯୁକ୍ତ ୩ ନୋଡ଼ାଲ ଅଧିକାରୀ ଡ.ଆନନ୍ଦ ସେଠୀ, ଡ.ମଧୁସ୍ମିତା ଦାସ, ଖେଳ ପ୍ରଶିକ୍ଷକ ଗୌରୀଶଙ୍କର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମିତିର ଡ.ସୁଶାନ୍ତ କୁମାର ବୀରୋ, ଚୁନା ଚିନ୍ତାଲୁ ଓ ଡ. ଅନିତା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମକର୍ତ୍ତା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ୮ଟି ଦଳକୁ ନେଇ ଆୟୋଜିତ ଯୁକ୍ତ ୨ କ୍ରିକେଟ ଟୁର୍ନାମେଣ୍ଟକୁ ଅଧ୍ୟକ୍ଷା ଶୁଭାରମ୍ଭ କରିଥିଲେ। ପରେ କବାଡ଼ି, ଚେସ, କ୍ୟାରମ, ଫୁଟବଲ ଆଦି ପ୍ରତିଯୋଗିତା ହେବ।

# ୨ ବାଇକ୍ ଜବତ, ଲୁଟେରା ଗିରଫ

ବ୍ରହ୍ମପୁର,୨୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଦୁଇଟି ଚୋରା ବାଇକ୍ ଜବତ କରିବା ସହ ଜଣେ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ବଲିପଢ଼ା ନିକଟ ରୋହିଗାଁର କିରଣ କୁମାର ଜେନା(୨୯)। ବ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। କିରଣଙ୍କୁ ଜେରା ବେଳେ ଜିଲାର ବିଭିନ୍ନ ଅଞ୍ଚଳରେ ୬ଜଣିଆ ଲୁଟିଆ ଗ୍ୟାଙ୍ଗ ବିଭିନ୍ନ ସ୍ଥାନରୁ ବାଇକ ଚୋରି କରୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଉକ୍ତ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଧରାପଡିବା ପରେ ଅନେକ ଚୋରି ଗାଡ଼ି ମିଳିବ ବୋଲି ଭାରପ୍ରାପ୍ତ ଥାନାଧିକାରୀ ବିକାଶ କୁମାର ପୋଲାଇ ସୂଚନା ଦେଇଛନ୍ତି। ମାମଲା ନଂ.୧୧୮/୨୩ ରେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବ୍ରହ୍ମପୁର ରେଳଷ୍ଟେଶନ ନିକଟରେ ଥିବା ପାର୍କିଂ ବନ୍ଦ ହୋଇଯିବା ପରେ ଯାତ୍ରୀମାନେ ସେମାନଙ୍କ ଗାଡ଼ିକୁ ବିଭିନ୍ନ ସ୍ଥାନରେ ରଖୁଛନ୍ତି। ଏହାର ସୁଯୋଗ ନେଇ ଲୁଟିଆ ଗ୍ୟାଙ୍ଗ ଷ୍ଟେଶନରୁ ଗୋଟିଏ ପରେ ଗୋଟିଏ ବାଇକ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଜିଆରପି ଏସପି ବିରଞ୍ଚି ପ୍ରସାଦ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ରେଳଷ୍ଟେଶନ ନିକଟରେ ସାଦା ପୋଷାକରେ ପାଟ୍ରୋଲିଂ କରୁଥିଲା। ରବିବାର ସନ୍ଧ୍ୟାରେ ଯାନବାହନ ଯାଞ୍ଚ ବେଳେ ପୋଲିସ କିରଣଙ୍କୁ ଅଟକାଇ ଗାଡ଼ି କାଗଜପତ୍ର ମାଗିବାରୁ ସେ ଦେଇ ପାରି ନ ଥିଲେ। ସେ ଚୋରା ବାଇକ ଧରିଥିବା ଜଣାପଡିଥିଲା। କିରଣଙ୍କୁ ଥାନାକୁ ଆଣି ଅଧିକ ପଚରାଉଚରା କରି ତାଙ୍କ ନିକଟରେ ଥିବା ଆଉ ଏକ ଚୋରା ବାଇକକୁ ମଧ୍ୟ ପୋଲିସ ଜବତ କରିଥିଲା।

# ସାହିତ୍ୟ ଆଲୋଚନା ସଭା, କବିତା ପାଠ



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୦।୧୧(ସ୍ମୃତି ରଂଜନ ମହାଲିକ)

ଯେଉଁ କବିତା କବିର ହୃଦୟରୁ ସ୍ୱତଃପ୍ରବୃତ୍ତ ନିଃସୃତ ହୋଇ ଜନମାନସକୁ ଆହ୍ଲାଦିତ କରେ ତାହା ହିଁ ଯଥାର୍ଥ କବିତା ବୋଲି କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସରରେ ପୌରହିତ୍ୟ କରି ଅନୁଷ୍ଠାନର ଉପସଭାପତି ତଥା ସାହିତ୍ୟିକ ଡ. ବନମାଳୀ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ରବିବାର ଉତ୍କଳ ଆଶ୍ରମ ଓଡ଼ିଆ ଭାଷା ଭବନ କକ୍ଷରେ କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆଲୋଚନା ସଭା ଓ କବିତା ପାଠୋତ୍ସବ ହୋଇଥିଲା। ଅତିଥି ରୂପେ ସାହିତ୍ୟ ସମାଜର ଉପସଭାନେତ୍ରୀ ବରିଷ୍ଠ କବୟିତ୍ରୀ ଔପନ୍ୟାସିକା ସ୍ୱର୍ଣ୍ଣପ୍ରଭା ପାଢ଼ୀ ଯୋଗ ଦେଇଥିଲେ। ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ କବୟିତ୍ରୀ ଅମିତା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କିରଣବାଳା ମିଶ୍ର, ପଦ୍ମିନୀ ମିଶ୍ର, ସର୍ଣ୍ଣମୟୀ ପାଢ଼ୀ, ସୁଚେତା ପାଣିଗ୍ରାହୀ, ଅନୁପ କୁମାର ମିଶ୍ର, ମିହିର କୁମାର ଦାସ ଶର୍ମା ଓ ଭଗବାନ ପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟାଳୟ ସମ୍ପାଦକ ନଳିନୀକାନ୍ତ ଗୌଡ ସହଯୋଗ କରିଥିଲେ।

# କୋର୍ଟରେ ବୟାନ ଦେଲେ ମୃତ ସୁଦର୍ଶନଙ୍କ ସ୍ତ୍ରୀ

ବ୍ରହ୍ମପୁର,୨୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ସୌରା ପାହାଡ଼ ଡବଲ ମର୍ଡର ମାମଲା**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପାଳଝାଡ଼ି ଗ୍ରାମର ବିଜେଡି ନେତା ସୁଦର୍ଶନ ସୁଆର ଓ ସୁଧୀର ପାତ୍ରଙ୍କୁ ୨୦୨୨ ଏପ୍ରିଲ ୨୩ ତାରିଖରେ ସୌରା ପାହାଡ଼ ନିକଟରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଡବଲ ମର୍ଡର ମାମଲାର ଅଭିଯୋଗକରିଣୀ ତଥା ସୁଦର୍ଶନଙ୍କ ସ୍ତ୍ରୀ ମିନାକ୍ଷୀ ସୁଆର ୨୨ତମ ସାକ୍ଷୀ ଭାବେ ସୋମବାର ଏଡିଜେ-୩ ରାଜ କୁମାର ଦାଶଙ୍କ କୋର୍ଟରେ ହାଜର ହୋଇ ନିଜ ବୟାନ ଦେଇଛନ୍ତି। ପୂର୍ବରୁ ମାମଲାର ସାଇଣ୍ଟିଫିକ ଅଫିସର ପ୍ରଣତି ନାୟକ କୋର୍ଟରେ ହାଜର ହୋଇ ବୟାନ ଦେଇଥିଲେ। ପ୍ରତିପକ୍ଷ ଓକିଲ ପୁଣିଥରେ ତାଙ୍କୁ କୋର୍ଟରେ ହାଜର କରାଇବା ପାଇଁ କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଆସନ୍ତା ୨୩ ତାରିଖରେ ଏହାର ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ପିପି ରଜତ କୁମାର ଦାଶ ଏହି ସୂଚନା ଦେଇଛନ୍ତି।

ମାମଲାରୁ ପ୍ରକାଶ, ଗତ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ପାଳଝାଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ। ଗ୍ରାମର ସୁଦର୍ଶନ ଓ ସୁଧୀରଙ୍କ ବିରୋଧ ଯୋଗୁ ସ୍ତ୍ରୀ ହାରିଲେ ବୋଲି ପ୍ରଶାନ୍ତ ସନ୍ଦେହ କରିଥିଲେ। ତେଣୁ ଉଭୟଙ୍କୁ ହତ୍ୟା କରିବା ପାଇଁ ସେ କେତେକ ସୁପାରି କିଲର ସହାୟତାରେ ଯୋଜନା କରିଥିଲେ। ଘଟଣା ଦିନ ସୁଦର୍ଶନ ଓ ସୁଧୀର ପନ୍ନାଢ଼ ଗ୍ରାମରୁ ଏକ ବୈଠକ ସାରି ବାଇକରେ ନିମଖଣ୍ଡିରୁ ସୌରା ପାହାଡ ରାସ୍ତା ଦେଇ ଗାଁକୁ ଫେରୁଥିଲେ। ସୌରାପାହାଡ଼ ନିକଟରେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଉଭୟଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା ବୋଲି ସୁଦର୍ଶନଙ୍କ ସ୍ତ୍ରୀ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪୫/୨୩ରେ ଏକ ମାମଲା ରୁଜୁ କରି ପର୍ଯ୍ୟାୟକ୍ରମେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତଙ୍କ ସମେତ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ଏହି ମାମଲାରେ ମୋଟ ୪୬ ଜଣ ସାକ୍ଷୀ ରହିଛନ୍ତି।

# ମେଳାରେ ଚାଷୀଙ୍କୁ ଅବହେଳା ଅଭିଯୋଗ

ବ୍ରହ୍ମପୁର,୨୦।୧୧(ସ୍ମୃତି ରଞ୍ଜନ ମହାଲିକ)

ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡିଆଠାରେ ଗତ ୧୭ ଓ ୧୮ ତାରିଖରେ ହୋଇଥିବା ମତ୍ସ୍ୟ ଏବଂ ପ୍ରାଣୀ ସଂପଦ ମେଳାରେ ଅବ୍ୟବସ୍ଥା ସହ ଚାଷୀଙ୍କୁ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ମେଳାରେ ଯୋଗ ଦେଇଥିବା ଚାଷୀଙ୍କୁ ଖାଦ୍ୟ, ପାନୀୟ ଜଳ, ଗସ୍ତ ଖର୍ଚ୍ଚ ଓ କିଟ ମିଳି ନ ଥିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ମେଳାରେ ବିଭିନ୍ନ ବ୍ଲକରୁ ୨ଦିନ ନିମନ୍ତେ ୨୦୦୦ ଚାଷୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେହି ଅନୁଯାୟୀ ଚାଷୀମାନେ ଯୋଗ ଦେଇଥିଲେ। ହେଲେ ସେମାନଙ୍କୁ ଠିକ ସୁବିଧା ସୁଯୋଗ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଏ ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ମନୋଜ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଥମ ଦିନ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ତେଣୁ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇବାରେ ସମସ୍ୟା ହୋଇଥିବା ସେ କହିଛନ୍ତି।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲ୍ଲାପାଳ

ଛତ୍ରପୁର,୨୦।୧୧(ସନ୍ତୋଷ ପାଢ଼ୀ)



ଜିଲାପାଳ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶେଷଥର ଲାଗି ଭୋଟର ତାଲିକା ସଂଶୋଧନ ପାଇଁ ଗତ ୨୭ ତାରିଖରୁ ପ୍ରକ୍ରିୟା ଚାଲିଛି। ତାଲିକାରେ ନାମ ଯୋଗ କରିବା ପାଇଁ ଫର୍ମ ୬, ବାଦ୍ ଦେବା ପାଇଁ ଫର୍ମ ୭, ସଂଶୋଧନ ପାଇଁ ଫର୍ମ ୮ ଅଫଲାଇନ ଓ ଅନଲାଇନ ମାଧ୍ୟମରେ ଉପଲବ୍ଧ ରହିଛି। ଗଞ୍ଜାମ ଜିଲାରେ ମଧ୍ୟ ଏହି ପ୍ରକ୍ରିୟା ଚାଲିଥିବା ବେଳେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଛତ୍ରପୁର ବିଧାନସଭା ମଣ୍ଡଳୀ ଅଧୀନ ବିଭିନ୍ନ ବୁଥକୁ ଯାଇ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟ ହେବ। ଏହି ସମୟ ମଧ୍ୟରେ ନାଗରିକମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ନାମ ପଞ୍ଜିକରଣ, ସବିଶେଷ ସଂଶୋଧନ, ନାମ ଅପସାରଣ, ଆଧାରକାର୍ଡ ସହିତ ଭୋଟର ପରିଚୟ ପତ୍ର ସଂଯୋଗୀ କରଣ କରାଇ ନେବେ। ଭୋଟର ତାଲିକାଟି କିଭଳି ନିର୍ଭୁଲ ତଥ୍ୟ ସହିତ ପ୍ରକାଶନ ହେବ ସେଥି ନିମନ୍ତେ ସମସ୍ତ ନାଗରିକ ସହଯୋଗ କରିବା ଆବଶ୍ୟକ। ତେବେଯାଇ ସମସ୍ତେ ନିଜନିଜ ମତ ସାବ୍ୟସ୍ତ କରିବାରେ ଅସୁବିଧା ହେବ ନାହିଁ। ଭୋଟର ତାଲିକାରେ ଅଧିକ ସଂଖ୍ୟକ ମହିଳା ଯେପରି ଅନ୍ତର୍ଭୁକ୍ତ ହେବେ, ଯୁବ ଭୋଟର ସଂଖ୍ୟା ବୃଦ୍ଧିହେବ, ବିଶେଷ ଭାବେ ଆଦିବାସୀ ଗୋଷ୍ଠୀ, ବରିଷ୍ଠ ନାଗରିକ ଏବଂ ତୃତୀୟ ଲିଙ୍ଗ ବ୍ୟକ୍ତିମାନେ ଯେପରି ଏହି ତାଲିକାରୁ ବଞ୍ଚିତ ହେବେ ନାହିଁ ସେଥିନିମନ୍ତେ ବିଶେଷ ଧ୍ୟାନ ଦିଆଯିବ । ସମସ୍ତଙ୍କର ଭୋଟ ଦେବାର ଅଧିକାର ରହିଛି ବୋଲି ଗୁରୁତ୍ୱାରୋପ କରାଯାଇଥିଲା।

# ଗଞ୍ଜାମ ଜିଲାକୁ ମରୁଡ଼ି ଘୋଷଣା, କୃଷିଋଣ ଛାଡ଼ ଦାବି

ବ୍ରହ୍ମପୁର,୨୦।୧୧(ସ୍ମୃତି ରଞ୍ଜନ ମହାଲିକ)




ବୈଠକରେ ଉପସ୍ଥିତ ଫେଡେରଶନର ସଦସ୍ୟ ବୃନ୍ଦ।

ସ୍ୱାଭିମାନ ଜାଗରଣ ଫେଡେରେଶନ ସୋମବାର ଏକ ଗୁରୁତର ଅଭିଯୋଗ କରିଛି। ପ୍ରାକୃତିକ ବିପର୍ଯ୍ୟୟର ଶୀକାର ହୋଇ ଆସୁଥିବା କୃଷକଙ୍କୁ ମୌଳିକ ସୁବିଧା ବଦଳରେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ହାତ ଟେକା ସାହାଯ୍ୟକୁ ନିର୍ଭର କରିବାକୁ ବାଧ କରୁଛନ୍ତି ବୋଲି ମଞ୍ଚର ଆବାହକ ସଞ୍ଜୀବ କୁମାର ପଟ୍ଟନାୟକ ଏଠାରେ ଅନୁଷ୍ଠିତ ଏକ ବୈଠକରେ କହିଛନ୍ତି। ଫେଡେରେଶନ ପକ୍ଷରୁ କୁହାଯାଇଛି ଯେ, ସ୍ୱଳ୍ପ ଓ ନିଅଣ୍ଟିଆ ବର୍ଷା କାରଣରୁ ଜିଲାର ସମସ୍ତ ବ୍ଲକର ଅଧିକାଂଶ ସ୍ଥାନରେ ଖରିଫ ଫସଲ ନଷ୍ଟ ହୋଇଛି। ତେଣୁ ଜିଲାପାଳ ଜିଲା ପରିଷଦର ବୈଠକ ଡକାଇ ଜିଲାକୁ ମରୁଡି ଘୋଷଣା ଓ ଚାଷୀଙ୍କ ଋଣ ଛାଡ ସହାୟତା ଘୋଷଣା ସଂକଳ୍ପପତ୍ର ପାରିତ କରନ୍ତୁ ବୋଲି ସଞ୍ଜୀବ ଦାବି କରିଛନ୍ତି। ଏଥିସହ ଜିଲାର ଚାଷୀଙ୍କୁ ଜଳବାୟୁଭିତ୍ତିକ ୧୨ମାସୀ ବହୁମୁଖୀ ଓ ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ପ୍ରୋତ୍ସାହନ, ସବୁ ଗ୍ରାମରେ କୃଷକ କ୍ଲବ, ବ୍ଲକ ଗୁଡିକରେ କମ୍ପ୍ୟୁଟର ଇଣ୍ଟରନେଟ ସୁବିଧା, ତାଲିମପ୍ରାପ୍ତ କୃଷିମିତ୍ର ନିଯୁକ୍ତି, ବୃହତ୍ ଜଳସେଚନ ସୁବିଧା ଥିବା ଭିତ୍ତିଭୂମି ସୃଷ୍ଟି ଓ ନିର୍ମାଣ, ଚାଷୀଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ କର ଛାଡ ପାଇଁ ଦାବି କରାଯାଇଥିଲା। ଦାବି ସମୂହକୁ ନେଇ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ସହ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ସ୍ଥିର ହୋଇଥିଲା। ବୈଠକରେ ଦେବୀ ପ୍ରସାଦ ଦାସ, ଦିଗାମ୍ବର ସାମନ୍ତରାୟ, ବି.ଭି. ସାଗର ଓ ଫେଡେରେଶନର ସଦସ୍ୟ ଉପସ୍ଥିତ ଥିଲେ।

